# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**04th January - 2026**

**************************************

*Desk*

## ଧାନ ସଂଗ୍ରହ

ରାଜ୍ୟର ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ବର୍ତ୍ତମାନ ୨ ଲକ୍ଷ ୭୧ ହଜାର ୩୧୮ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିଛନ୍ତି । ସେଥିମଧ୍ୟରୁ ୧ ଲକ୍ଷ ୮୫ ହଜାର ୮୨୦ ଜଣ ଚାଷୀଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତର କରାଯାଇଛି । ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨ ହଜାର ୨୪୭ କୋଟି ୫୨ ଲକ୍ଷ ଟଙ୍କା ଏବଂ ଇନ୍‌ପୁଟ୍ ସହାୟତା ରାଶି ଭାବେ ୬୯୩ କୋଟି ୫୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

## ବନ୍ଦେ ମାତରମ୍ - ଶିକ୍ଷାନୁଷ୍ଠାନ

ଜାତୀୟ ଯୁବ ଦିବସ ପାଳନ ଅବସରରେ ଆସନ୍ତା ୧୨ ତାରିଖରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯିବ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ସରକାରଙ୍କ

ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପାଳନ କରିବାପାଇଁ କୁହାଯାଇଛି ।  ରାଜ୍ୟବ୍ୟାପୀ ବନ୍ଦେ ମାତରମ୍ ଗାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଉତ୍କଳକ ବିଶ୍ୱବିଦ୍ୟାଳୟ ପରିସରରେ ଗତକାଲି ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି ଅବସରରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ ଶପଥପାଠ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ସରକାରୀ କାର୍ଯ୍ୟାଳୟ - ରିଲ୍ସ

ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ରିଲ୍ସ ପ୍ରସ୍ତୁତି ଉପରେ ସରକାର କଟକଣା ଲାଗୁ କରିଛନ୍ତି । ଗୃହ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଗତକାଲି ଜାରି କରାଯାଇଛି । କର୍ମଚାରୀ, ଅଧିକାରୀ, ଠିକା କର୍ମଚାରୀ ଏବଂ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଜାରି ହୋଇଛି । ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ରିଲ୍ସ ପ୍ରସ୍ତୁତି ଫଟୋ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶନାମାରେ ବାରଣ କରାଯାଇଛି । ଉଲ୍ଲଙ୍ଘନ କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

***Bhadrak/R***

# ଧାନ ସଂଗ୍ରହ

ଚଳିତବର୍ଷ ଖରିଫ୍ ଋତୁପାଇଁ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀ ସଚେତନତା ରଥ ଜିଲ୍ଲାର ୭ଟିଯାକ ବ୍ଲକ୍‌ରେ ପରିକ୍ରମା କରିଛି । ଜିଲ୍ଲାପାଳ ଦିଲୀପ ରାଉତରାୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତାକାଲିଠାରୁ ଧାନମଣ୍ଡି ଶୁଭାରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରୁ ୧୩ ଲକ୍ଷ ୩୦ ହଜାର କୁଇଣ୍ଟାଲ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି ।

***Baragarh/R***

# ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ-୨୦୨୬ ଗତସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଅନ୍ତିମ ଦିନରେ ଗତକାଲି କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକଠାରେ କୃଷ୍ଣ-ବଳରାମଙ୍କୁ ସ୍ୱାଗତ ଉତ୍ସବ, କୁବଳୟା ହସ୍ତୀ ବଧ, ଚାଣୁର ଓ ମୁଷ୍ଟିକ ଆଦି ଅଷ୍ଟମଲ୍ଲ ନିଧନ, ଶିବଧନୁ ଭଙ୍ଗ, ଉଗ୍ରସେନଙ୍କ ରାଜ୍ୟାଭିଷେକ, ଦେବକୀ-ବସୁଦେବଙ୍କୁ କାରାଗାରରୁ ମୁକ୍ତି ଦୃଶ୍ୟ ଆଦି ଅଭିନୀତ ହୋଇଥିଲା । ଗତମାସ ୨୪ ତାରିଖରୁ ୧୧ ଦିନ ଧରି ଚାଲିଥିବା ଏହି ମହୋତ୍ସବ ମହାରାଜ କଂସଙ୍କର ବଧ ହୋଇଛି ।

***Desk***

# ବ୍ରେଲି ଦିବସ

ଦୃଷ୍ଟିହୀନ ଏବଂ ଆଂଶିକ ଦୃଷ୍ଟିଦୋଷ ଥିବା ଲୋକଙ୍କ ପାଇଁ ଯୋଗାଯୋଗର ମାଧ୍ୟମ ଭାବେ ବ୍ରେଲିର ମହତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରେଲି'ର ପ୍ରଚଳନ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଉଛି । ବ୍ରେଲି ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲିଙ୍କ ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୪ ତାରିଖକୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଉଛି । ୨୦୧୮ ମସିହାରେ ମିଳିତ ଜାତିସଂଘ ସାଧାରଣସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

***Koraput, Bolangir, Nabarangpur/R***

# ପୁଷ୍‌ପୁନି ପରବ

ପୁଷ୍‌ପୁନି ପରବ ଉପଲକ୍ଷେ କୋରାପୁଟ ଜିଲ୍ଲା ଜୟପୁରଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଗୁପ୍ତେଶ୍ୱର ଅଞ୍ଚଳର ପ୍ରସିଦ୍ଧି ରିଂଜଡ଼ି ନୃତ୍ୟ ସହିତ ଅନ୍ୟାନ୍ୟ ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଲୋଇସିଂହା ମହୋତ୍ସବ ଗତକାଲି ପୁଷ୍ପୁନି ପାଳନ ଅବସରରେ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ପାରମ୍ପରିକ ଖେଳକୁଦ ଉପରେ ଆଲୋକପାତ କରିଥିଲେ ।

ନବରଙ୍ଗପୁର ଜିଲ୍ଲାସ୍ତରୀୟ ପୁଷ୍ପୁନି ପରବ ଗତକାଲି ପୁଲିସ୍ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ସହିଦ ସାଂସ୍କୃତିକ ସ୍ମୃତିକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ମା’ ଭଣ୍ଡାରଘରଣୀ ମନ୍ଦିରରୁ ବାହାରି ପୁଲିସ୍ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା ।

***Sonepur/R***

# ପଏଁରୀ ତିହାର

ସୁବର୍ଣ୍ଣପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ଗୀତ ମହୋତ୍ସବ ‘ପଏଁରୀ ତିହାର-୨୦୨୬’ ଗତକାଲି ଉଦ୍‌ଯାପିତ ହୋଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଜାତୀୟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଏବଂ ରାଜ୍ୟ ବାହାରର ବହୁ କଳାକାର ଏଥିରେ ଅଂଶଗ୍ରହଣ କରି ପାରମ୍ପରିକ ଲୋକନୃତ୍ୟ ଓ ଗୀତ ପରିବେଷଣ କରିଥିଲେ ।

*Desk*

# ସରକାରୀ ସ୍ଥାନୀୟ ଛୁଟି

କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର ୧୦ଟି ଜିଲ୍ଲାପାଇଁ ସରକାରୀ ଛୁଟି ଘୋଷଣା ସମ୍ପର୍କିତ ବିଜ୍ଞପ୍ତି ଆର୍.ଡି.ସି.ଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି । କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଇଁ ଜୁନ୍ ମାସ ୧୬ ତାରିଖ ମଙ୍ଗଳବାର ଶେଷ ରଜକୁ ସ୍ଥାନୀୟ ଛୁଟି ଭାବେ ଘୋଷଣା କରାଯାଇଛି । ବାଲେଶ୍ୱର, ପୁରୀ ଜିଲ୍ଲାପାଇଁ ମହାଶିବରାତ୍ରି ପରଦିନ ଫେବୃୟାରୀ ମାସ ୧୬ ତାରିଖ ସୋମବାର ଏବଂ ଭଦ୍ରକ କାଳୀପୂଜାପାଇଁ ଡିସେମ୍ବର ୯ ତାରିଖ ସୋମବାର ଦିନ ସ୍ଥାନୀୟ ସରକାରୀ ଛୁଟିଦିବସ ଭାବେ ପାଳନ କରିବାପାଇଁ ବିଜ୍ଞପ୍ତିରେ କୁହାଯାଇଛି ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ଘନକୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ପରେ ୪ ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

*****